# କେଉଁଦିନ ଲୋ ବୋଉ ଘରକୁ ଯିବି

ପହିଲି ପାଳି ଲୋ ବୋଉ ଦେଲୁ ପଠେଇ
ସାଂଗରେ ଯାଇଥିଲେ ସାନ କକେଇ ।
ଅଧ ଲୋ ବାଟଯାଏ ମୋ ପିତା ଗଲେ
ବିଦାୟ ହୁଅ ବୋଲି ମୋତେ କହିଲେ ।
ଧୈର୍ଯ୍ୟ ଲୋ ଫେଡି ତାଂକୁ କହିଲି ମୁହିଁ
ସୁଆରି ଆଗେ ଦେବ ଦୁହାଳ ଗାଇ ।
ଝିଣ୍ଟି ଲୋ କିଣ୍ଟି ମୋ ନଣନ୍ଦ ଥିଲେ
ହାଣ୍ଡି ଲୋ ଶାଳ କଣେ ବସାଇ ଦେଲେ ।
ଯେଦିନୁ ହାଣ୍ଡି ଗୋଟା ଦେଲି ଫୁଟାଇ
ସେଦିନୁ ହାଣ୍ଡିଶାଳୁ ଦେଲେ ଉଠାଇ ।
ଧାନ କୁଟଇ ବୋଉ ପାଣି ଆଣଇ
ଗୁହାଳ ଗୋବର ବୋଉ ମୁହିଁ ପୋଛଇ ।
ଗୁହାଳ କଣେ ବୋଉ ପତ୍ର ପକାନ୍ତି
ଭାତ କଂସିଏ ବୋଉ ବାଢି ଦିଅନ୍ତି ।
ଲୁଣ ନ ଥାଇ ବୋଉ ତୁଣ ନ ଥାଇ
ଗୋବର ଗନ୍ଧରେ ବୋଉ ଖାଇ ନ ପାରଇ ।
ଶୋଇଲା ବେଳକୁ ବୋଉ ଯୋଉଁ ହଟହଟା
ଦୁଆର କିଳିଣ ବୋଉ ମାରନ୍ତି ଗୋଇଠା ।
ଯେଉଁ ହଟହଟା ବୋଉ ମୋଡିଲା ବେଳେ
ପେଲି ଦେଲେ ପଡିଯାଏ ପହଣ୍ଡ ତଳେ ।
ପହଣ୍ଡକ ତଳେ ବସି କାନ୍ଦୁ ଥାଏଁ ମୁହିଁ
ଦାଣ୍ଡବାଡିକି ଚାହିଁଲେ ବୋଉ ମୋର କେହି ନାହିଁ ।
କେଉଁଦିନ ଲୋ ବୋଉ ଘରକୁ ଯିବି?
ହାଣ୍ଡିଶାଳ କଣେ ବସି ସବୁ କହିବି ।